# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ନିୟମାବଳୀରେ ବ୍ୟାପକ ସଂଶୋଧନ

## ଜିଲ୍ଲାସ୍ତରରେ ସାହାଯ୍ୟ ମଂଜୁର ହେବ

ଗରିବ ଲୋକଙ୍କ ଚିକିତ୍ସା ପାଇଁ ଚିହ୍ନିତ ରୋଗର ପରିସର ବିସ୍ତୃତ କରାଯାଇଛି । ଏହାଫଳରେ ବ୍ୟୟବହୁଳ ଯେକୌଣସି ଗୁରୁତର ରୋଗର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଆଯାଇପାରିବ ।

ରାଜ୍ୟ ଭିତରେ ଚିକିତ୍ସା ନିମନ୍ତେ ମିଳୁଥିବା ସର୍ବାଧିକ ସହାୟତା ରାଶିର ପରିମାଣ ୧୦,୦୦୦ ଟଙ୍କାରୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ରାଜ୍ୟ ବାହାରେ ଚିକିତ୍ସା ପାଇଁ ସର୍ବାଧିକ ସହାୟତା ରାଶିର ପରିମାଣ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଭିନ୍ନକ୍ଷମ, ଅନାଥ ଓ ଦୁଃସ୍ଥ ବ୍ୟକ୍ତିଙ୍କ ଥଇଥାନ ପାଇଁ ଆବଶ୍ୟକ ସହାୟତାର ବ୍ୟବସ୍ଥା କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ କ୍ଷେତ୍ର ବିଶେଷରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ମଞ୍ଜୁର କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନୂତନ ଭାବେ କ୍ଷମତା ଦିଆଯାଇଛି । ଏଥିପାଇଁ ଜିଲ୍ଲାପାଳମାନଙ୍କ ପାଖରେ ୫୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଗଚ୍ଛିତ ରଖିବା ପାଇଁ ବ୍ୟବସ୍ଥା କରାଯାଉଛି ।

ଦୂରଦୂରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଓ ଆବଶ୍ୟକ ଔଷଧପତ୍ର ଯୋଗାଣର ବ୍ୟବସ୍ଥା ମଧ୍ୟ ପାଣ୍ଠିର ପରିସରଭୁକ୍ତ କରାଯାଇଛି ।

ଜିଲ୍ଲାପାଳଙ୍କ ଜରିଆରେ ଚିକିତ୍ସା ପାଇଁ ଦିଆଯାଉଥିବା ସହାୟତା ରାଶିର ପରିମାଣ ୫୦୦୦ ଟଙ୍କାରୁ ସର୍ବାଧିକ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ଥିବା ବ୍ୟବସ୍ଥାରେ ''ପ୍ରାକୃତିକ ବିପର୍ଯ୍ୟୟ'' ଶବ୍ଦରୁ ''ପ୍ରାକୃତିକ'' ବାଦ ଦିଆଯାଇ କେବଳ ''ବିପର୍ଯ୍ୟୟ'' ରଖାଯାଇଛି । ଏହାଫଳରେ ବ୍ୟାପକ କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇପାରିବ ।

ପରିବାରର ଜୀବିକା ନିର୍ବାହ ପାଇଁ ସାହାଯ୍ୟ କରୁଥିବା ପଶୁମାନଙ୍କର ବିପର୍ଯ୍ୟୟ ଜନିତ ମୃତ୍ୟୁ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତାର ବ୍ୟବସ୍ଥା ମଧ୍ୟ କରାଯାଇଛି ।



ସାଧାରଣ ପ୍ରଶାସନ ବିଭାଗ
ଓଡ଼ିଶା ସରକାର